# ପ୍ରତିବେଶୀ

## ନିବାରଣ ଜେନା

ସକାଳେ ବିଛଣାରୁ ଉଠି ବୈଠକଖାନାର ସୋଫାରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସି ପୂର୍ବାକାଶର ନାଲିଫରଚା ଦୃଶ୍ୟ ଓ ଦକ୍ଷିଣାବର୍ତ୍ତ ଝର୍କାବାଟେ ଭାସିଆସୁଥିବା ସୁଲୁ ସୁଲିଆ ଶୀତୁଆ ପବନ କିଛିସମୟ ମୋ ଦେହ ଓ ମନକୁ ଆଶ୍ଲେଷିତକରେ। ତାସହ କିଛି ଦିନହେଲା ଚଢ଼େଇ ଶାବକଙ୍କ ଚିଁ ଚିଁ କୋରସ୍ ମୋତେ ଅଧିକ ଉତ୍‌ଫୁଲ୍ଲିତ କରୁଚି। ଘରର ସବୁ ସ୍କାଇଲାଇଟ୍‌ରେ ଗୋଟିଏ ଲେଖାଏଁ ସ୍ଲାବ୍ ଲଗାଯାଇଥିବା ସ୍ଥଳେ ବୈଠକଖାନାରେ  ଚଢ଼େଇଙ୍କ ପ୍ରବେଶ ଅଟକାଇବା ପାଇଁ ସ୍କାଇଲାଇଟ୍‌ର ଦୁଇପଟେ ଦୁଇଟି ସ୍ଲାବ୍ ଲଗାଯାଇଥିଲା । ବାହାର ସ୍ଲାବରେ 'ଓଁ' ଖୋଦିତ ହୋଇଥିଲା ଏବଂ 'ଓ'ର ମଝିଫାଙ୍କଦେଇ ବଣି ଚଢ଼େଇଟେ ଆସି ବସା ବାନ୍ଧିଥିଲା। ଯା'ଭିତରେ ଅଣ୍ଡା ଉଷୁମେଇ ପିଲା ବି ଫୁଟେଇ ସାରିଲାଣି। ବସାରୁ ନିତି କାଠିକୁଟା ପଡ଼ି ଘର ଅସନା ହେଉଚି। ଏଥିପାଇଁ ପତ୍ନୀ ରଙ୍ଗଲତା ବିରକ୍ତ। ସେ ବସାଟା ଭାଙ୍ଗିଦେବାପାଇଁ ଚାହିଁଥିଲେ। ହେଲେ ମୁଁ ବାରଣ କରିଥିଲି। ଚଢ଼େଇବସା ଭାଙ୍ଗିବା ପାପ ବୋଲି କହି ପତ୍ନୀଙ୍କ ଧର୍ମୀୟ ମନକୁ ଏ କାର୍ଯ୍ୟରୁ ନିବୃତ୍ତିବାରେ ସଫଳ ହୋଇଥିଲି। ଛାତ ଉପର ଘରେ ପାରାମାନଙ୍କର ସଦା ଉତ୍ପାତ। ପଢ଼ାପଢ଼ିପାଇଁ ଛାତ ଉପରେ ଗୋଟିଏ ରୁମ୍ ତିଆରି କରିଥିଲି। ହେଲେ ପୁଅ ଦି'ଜଣ ଚାକିରିକରି ବାହାରେ ରହିବାପରେ ଘରେ ଏବେ ଆମେ ସ୍ୱାମୀସ୍ତ୍ରୀ ଦୁଇପ୍ରାଣୀ। ଆଉ ଉପର ରୁମ୍‌ର ଆବଶ୍ୟକତା ନାହିଁ। ଏବେ ସେଇଟା ପୁରୁଣା ବ୍ଲାକ୍ ଏଣ୍ଡ୍ ହ୍ୱାଇଟ୍ ଟିଭି, ଗୋଡ଼ଭଙ୍ଗା କାଠଚଉକି ଆଉ ଗୋଟେ ଉଚ୍ଚ ଟୁଲ୍ ସହିତ ଲୁହା କରେଇ ଚାରିଟା, ଦୁଇଟା କୋଦାଳ, କିଛି ଲୁହାଛଡ଼, ଲୁହାତାର ଆଦି ଘର ତିଆରି ଉପକରଣ, ଛିଣ୍ଡା କନ୍ଥା, ଲୁଗା, ମସିଣା, ପୁରୁଣା ଖବର କାଗଜ ଓ ଆଳି ମାଳିକା ଜିନିଷସବୁର ଗୋଟେ ଗୋଦାମଘର ସହ ପାରାଙ୍କ ନିର୍ଭୟ ବାସସ୍ଥଳୀ ପାଲଟିଛି। ପାରା ମଳରେ ଚଟାଣ ଆଉ ଜିନିଷପତ୍ର ଅପରିଷ୍କାର। ତେବେ ଘରେ ପାରା ବାସକଲେ ଲକ୍ଷ୍ମୀ ଠାକୁରାଣୀ ବିଜେକରନ୍ତି ବୋଲି ଯେଉଁ ଲୋକ ବିଶ୍ୱାସଟେ ରହି ଆସିଚି, ସେଥିପାଇଁ ବିରକ୍ତ ହେଲେହେଁ ଗୃହକର୍ତ୍ତ୍ରୀ ରଙ୍ଗଲତା ସହି ଯାଉଛନ୍ତି।

ଚଢ଼େଇଙ୍କ ପ୍ରତି ମୋର ପିଲାଦିନରୁ ଦୁର୍ବଳତା ରହିଚି। ଖରାବେଳେ ଝରକାବାଟେ ଦେଖୁଥାଏ ତାଳଗଛରେ ଓହଳି ପଡ଼ିଥିବା ବସାରେ ବସି ପବନରେ ଦୋଳିଖେଳୁଥିବା ବାଇଚଢ଼େଇର ଆଜାଦୀ ଆନନ୍ଦ, କାନଡେରି ଶୁଣେ ଆମ୍ର ଶାଖାରୁ ଭାସିଆସୁଥିବା କୋଇଲିର କୁହୁତାନ, ବରଗଛ କୋରଡ଼ରେ ବସାବାନ୍ଧିଥିବା ପକ୍ଷିଣୀ ତା ଥଣ୍ଟରୁ ଶାବକଙ୍କୁ ଆହାର ଖୁଆଉଥିବାର ଦୃଶ୍ୟ ଓ ଛୁଆଙ୍କ କିଚିରି ମିଚିରି ସ୍ୱର। ସକାଳେ ନିତ୍ୟକର୍ମପାଇଁ ପାଖ ନଈକୂଳକୁ ଯାଇ ଦେଖୁଥାଏ ମାଛ ଶିକାରପାଇଁ ଏକାଗ୍ର ଚିତ୍ତରେ ବସିଥିବା ବଗଲା ବଗୁଲିଙ୍କ ବୁଦ୍ଧଙ୍କପରି ଧ୍ୟାନମଗ୍ନ ଭଙ୍ଗି, ଶ୍ରାବଣ ଧାନକ୍ଷେତର ଅଳ୍ପ ପାଣିରେ ଲମ୍ବା ଗୋଡ଼ ପକାଇ ବଗ, ହଂସରାଳୀ, ଡ଼ାହୁକ ଆଦିଙ୍କ ଭଙ୍ଗୀମ ଚାଲି, ରଂଗର ପସରାମେଲି ଶିଶିରସିକ୍ତ ଘାସ ଗାଲିଚାରେ ସାଧବବୋହୂର ଛନ୍ଦାୟିତ ଗତି, କୁକୁଡ଼ା ତା ଛୁଆଙ୍କ ସାଥିରେ ଭୂଇଁରୁ ଖାଦ୍ୟ ଖୁଣ୍ଟୁଥିବା ବେଳେ ଆକାଶରେ ଚିଲ, ଶାଗୁଣାଙ୍କୁ ଦେଖି ତା ପକ୍ଷତଳେ ଶାବକଙ୍କୁ ଢାଙ୍କି ଦେହ ଫୁଲାଇ ଶତ୍ରୁସଙ୍ଗେ ମୁକାବିଲା କରିବାର ଔଦ୍ଧତ୍ୟ। ଭଲ ଲାଗୁଥିଲା ଗୁଣ୍ଡୁଚି ମୂଷାର ଗଛ ଚଢୁଥିବା କ୍ଷିପ୍ରତା, ବାରମ୍ବାର ରଙ୍ଗ ବଦଳୁଥିବା ବହୁରୂପୀ ଏଣ୍ଡୁଅର ଯାଦୁକରୀ ଦେହ, ହରରଙ୍ଗୀ ପ୍ରଜାପତିଙ୍କ ଫୁଲରୁ ମଧୁ ଶୋଷିବାର ଠାଣି, ବର୍ଷା ସନ୍ଧ୍ୟାରେ ଝିଙ୍କାରିର ଝିଁ ଝିଁ ରାଗ ଆଉ ଅପରାହ୍ନ ଆକାଶରେ ଘୋଟି ଆସୁଥିବା କଳାମେଘର କ୍ୟାନଭାସ୍‌ରେ ବଗ, ହଂସଙ୍କ ପଂକ୍ତି ଉଡ୍ଡାଣର ଦୃଶ୍ୟ। ସନ୍ଧ୍ୟାକାଳେ ବିଲୁଆଙ୍କ ସମବେତ ହୁକେ ହୋର ଶଙ୍ଖଧ୍ୱନି।

ଏବେ ସହରରେ ସେ ସବୁ ବିରଳ। ଅହରହ ଗାଡ଼ି, ମୋଟର, କାରଖାନାର ବିକଟ ଯାନ୍ତ୍ରିକ ଶବ୍ଦରେ ହଜିଯାଉଚି ସବୁ ପ୍ରାକୃତିକ ସ୍ୱନ। ଏବେ ସହରରେ ଅନ୍ୟ ପକ୍ଷୀଇଙ୍କ କଥା ଘାଡ଼, କୁଆବି କୁଆଡ଼େ ହଜିଗଲେଣି। ମନ ଭିତରୁ ହଜିଯାଉଚି ଚଢ଼େଇଙ୍କ ରୂପ। ସେମାନଙ୍କ ରାବର ରାଗ। କେବଳ ମୂଷା ଚୁଚୁନ୍ଦ୍ରା ଆଉ ପାରାଙ୍କ ପ୍ରାଦୁର୍ଭାବ ସହିତ ପପ୍, ରକ୍ ଆଉ ଆଲବମ୍ ଗୀତର କାନଫଟା ବିକଟାଳ ଶବ୍ଦର ପ୍ରଦୂଷଣ। ଆଉ ମୋପରି ଗାଉଁଲି ବ୍ୟକ୍ତିତ୍ୱର ମଣିଷଟା ପକ୍ଷୀଶାବକଙ୍କ ସ୍ୱରଶୁଣି ଆତ୍ମହରା ହେବା ସ୍ୱାଭାବିକ। ପୁଣି ସହରୀ ଜୀବନରେ ପଡୋଶୀଙ୍କ କୃତ୍ରିମ ହାସ୍ୟ ସମ୍ଭାଷଣଠାରୁ ମୋର ଏ ନୂତନ ପ୍ରତିବେଶୀ ପକ୍ଷୀ ପରିବାରର ମଧୁର କଳରବ ଯଥେଷ୍ଟ ଆନନ୍ଦଦାୟକ।

ପାପର ଭୟଦେଖାଇ ଶ୍ରୀମତୀଙ୍କୁ ବଣି ଚଢ଼େଇର ବସା ଭାଙ୍ଗିବାରୁ ନିବୃତ୍ତ କଲି ସିନା, ହେଲେ ନିତି ଚାରି ପାଞ୍ଚଥର ଘର ଝାଡୁବେଳେ ତାଙ୍କ ଖୁଣ୍ଟଣା ମୋତେ ଶୁଣିବାକୁ ପଡ଼େ। ପଡୋଶିନୀ ପକ୍ଷିଣୀସହ କଳିକରିବାର ଅସହାୟ ନିଷ୍ପତ୍ତିର ଦାଉ ସେ ମୋଉପରେ ଶୋଧୁଛନ୍ତି।

ଦୁଇଦିନ ପରେ ଆଉ ସକାଳେ ଉଠି ଚଢ଼େଇ ଶାବକଙ୍କ କିଚିରି ମିଚିରି କି ଚଢ଼େଇ ଡେଣାର ଫଡ଼ଫାଡ଼ ଶବ୍ଦ ଶୁଣିବାକୁ ପାଇଲିନାହିଁ। ମୋ ପ୍ରତିବେଶୀର ଘର ସଂପୂର୍ଣ୍ଣ ନିଶୂନ୍। ସମ୍ଭବତଃ ଶାବକମାନେ ଉଡ଼ି ଶିଖିବା ପରେ ଦେଶାନ୍ତର ହେଇଯାଇଛନ୍ତି। ଏବେ ସେମାନେ ଆଜାଦଭାବେ ନୀଳ ଗଗନରେ ଉଡୁଥିବେ। ଶ୍ରୀମତୀ ଖୁସି, ଯା'ହେଉ ଆଉ ଚଢ଼େଇଙ୍କ ଦ୍ୱାରା ଘର ଅସନା ହେବନି। ହେଲେ ମୋ ପ୍ରତିବେଶୀର ଅଚାନକ ପଳାୟନ ମୋତେ ଗଭୀର ଆଘାତ ଦେଇଥିଲା। ମୋର ଏ ଅଳ୍ପଦିନର ପ୍ରତିବେଶୀର ମୋସହିତ ମିଳାମିଶା ନଥିଲେହେଁ ତାର ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଓ ସଦ୍‌ଭାବ ତଥା ଆମର ଅବୋଧ ସେମାନଙ୍କର କିଚିରି ମିଚିରି କଥାବାର୍ତ୍ତା ମୋତେ ଆମୋଦିତ କରିଥିଲା। ପୁଅମାନେ ଅନୁପସ୍ଥିତି ଓ ମୋର ଅବସର ଗ୍ରହଣ ପରବର୍ତ୍ତୀ ଉଦାସୀନ ଜୀବନରେ ସେମାନଙ୍କ ସ୍ଥିତି ମୋର ପ୍ରାୟନିସଙ୍ଗତାକୁ କିଛି ପରିମାଣରେ ଲାଘବ କରୁଥିଲା। ପ୍ରାୟନିସଙ୍ଗତା କହିବାର ଅର୍ଥହେଲା, ଏ ପରିଣତ ବୟସରେ ପତ୍ନୀର ମୋପ୍ରତି ଖାପଛଡ଼ା ଭାବ। ରଙ୍ଗଲତା ଏବେ ବହୁତ ରିଜର୍ଭ ରହୁଛନ୍ତି। ବଡ଼ପୁଅ ତ ସମ୍ବଲପୁରରେ ଯେ ବାହାଘର ପରେ ସ୍ତ୍ରୀକୁ ନେଇ ଗଲା। ଅବଶ୍ୟ ବୋହୂକୁ ନେଇଯିବାରେ ଆମର ସମ୍ମତି ଥିଲା। ଏତେ ଦୂରରେ ରହୁଚି, ପୁଣି କମ୍ପାନୀ ଚାକିରି, ଛୁଟି କମ୍, ଖିଆପିଆରେ ହଇରାଣ ଓ ଘରକୁ ଆସିବାରେ ଛୁଟି ମିଳିବାର ଅସୁବିଧା ଶୁଣି ବୋହୂକୁ ନେଇଯିବା ପାଇଁ ମୁଁ ତାକୁ ପରାମର୍ଶ ଦେଇଥିଲି। ସେତେବେଳେ ରଙ୍ଗଲତାର ଆଣ୍ଠୁଗଣ୍ଠି ବାତ କିମ୍ବା ମୋର ଡାଇବେଟିସ୍ ଆରମ୍ଭ ହୋଇନଥିଲା। ହେଲେ ସାନଟା ତ ଏଇ ଭୁବନେଶ୍ୱରରେ। ତାର ସପ୍ତାହରେ ପାଞ୍ଚଦିନ ଅଫିସ୍। ସୋମବାର ଯାଇ ଶୁକ୍ରବାର ଆସି ତିନିରାତି ଆଉ ଦୁଇଦିନ ପରିବାରସହ କଟାଇ ପାରନ୍ତା। ହେଲେ ସେ ଭଡାଘର ଠିକ୍‌କରି ବୋହୂକୁ ନେଇଗଲା। ବୋହୂ ଗଲେ ବିଶେଷ ଦୁଃଖନାହିଁ, ଦି'ଜଣଙ୍କ ପାଇଁ ରଙ୍ଗଲତା ଯେମିତି ଯାହା ରନ୍ଧାରନ୍ଧି କରୁଛନ୍ତି, ହେଲେ ସେ ଗୁଲୁ ଗୁଲିଆ ନାତିଟୋକାଟାକୁ ନେଇଗଲା, ସେ ବିଚ୍ଛେଦଟା ଦୁଃଖ ଦେଉଚି। ରଙ୍ଗଲତା ମାର୍କେଟିଂ ପାଇଁ ଅର୍ଡର୍ କରିବା ଆଉ ବିଭିନ୍ନ ଘରଖର୍ଚ୍ଚ ସାଙ୍ଗକୁ ଗାଁର ବନ୍ଧୁବର୍ଗଙ୍କ ମଧ୍ୟରୁ କାହା ପୁଅ କି ଝିଅର ବାହାଘର ତ କାହାର ଅନ୍ନପ୍ରାଶାନ୍ନ ଆଉ ସେପାଇଁ ଟଙ୍କା ମାଗିବା ଏବଂ ଟଙ୍କାର ହିସାବ ମାଗିବାବେଳେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ବ୍ୟତୀତ ଅନ୍ୟବେଳେ ଚୁପ୍‌ଚାପ୍ ଯିଏ ଯାହା କାମରେ ବ୍ୟସ୍ତ। ନିଜ ନିଜ ପରିଧିରେ ବନ୍ଦୀରହି ଅନ୍ୟମାନଙ୍କ ସହ ମିଳାମିଶା ବି କମ୍। ରଙ୍ଗଲତା ପଡୋଶୀମାନଙ୍କ ସହ ବିଶେଷ ମିଶନ୍ତି ନାହିଁ କି ମୋର ମିଶିବାକୁ ପସନ୍ଦ କରନ୍ତିନାହିଁ। ଲୋକ ଠକିଲେ ଶିଖେ। ଶ୍ରୀମତୀଙ୍କ ସେଥିରେ ବେଶ୍ ତିକ୍ତ ମଧୁର ଅଭିଜ୍ଞତା ରହିଚି। ପ୍ରଥମେ ଆମର ତିନି ପଡୋଶିନୀଙ୍କ ସହ ସେ ବେଶ୍ ଦୋସ୍ତି ଜମେଇ ଦେଇଥିଲେ। ସମସ୍ତଙ୍କ ଅପରାହ୍ଣ ବୈଠକୀ ଆମ ଲନ୍‌ରେ ହେଉଥିଲା। ସେଥିପାଇଁ ଚା ବିସ୍କୁଟ୍ ଖର୍ଚ୍ଚବି ସେ ଅନାୟାସରେ କରୁଥିଲେ। କିଛିଦିନ ପରେ ସେ ଦେଖିଲେ, ଯଉଁଦିନ ଯଉଁ ପଡୋଶିନୀ ଅନୁପସ୍ଥିତ, ତାଙ୍କ ବିରୁଦ୍ଧରେ ଅନ୍ୟ ଦୁଇଜଣ କୁତ୍ସା ରଟନା କରୁଛନ୍ତି। ରଙ୍ଗଲତାକୁ ଏହା ବହୁତ ଖରାପ ଲାଗିଲା। କାହାରିର ବ୍ୟକ୍ତିଗତ କଥା ଆମର ଆଲୋଚନା କରିବା ଅନୁଚିତ ବୋଲି ଥରେ ସେମାନଙ୍କୁ ବି କହିଥିଲା। ହେଲେ ସେମାନେ ତାଙ୍କର ସ୍ୱଭାବ ବଦଳାଇବେ କେମିତି ? ରଙ୍ଗଲତା ଥରେ ତାଙ୍କର ବାପଘରକୁ ଯିବାପରେ ଆମଘରେ ପଡୋଶିନୀଙ୍କ ଅପରାହ୍ଣ ବୈଠକ ବନ୍ଦହେଲା। ମହାନ୍ତିବାବୁଙ୍କ ବୈଠକଖାନାରେ ଚାଲିଲା ବୈଠକୀ। ରଙ୍ଗଲତା ଫେରିଲାପରେ ଅପରାହ୍ଣରେ ସେମାନଙ୍କର ଆଉ ଆମ ଲନ୍‌କୁ ଆସିବାର ନଦେଖି ସେ ମହାନ୍ତିବାବୁଙ୍କ ବୈଠକଖାନାରେ ଚାଲିଥିବା ବୈଠକରେ ଯୋଗଦେବା ପାଇଁ ଗଲେ। ବୈଠକଖାନାର କବାଟ ପାଖରେ ପହଞ୍ଚି କୌତୁକ ବଶତଃ ଆଲୋଚ୍ୟ ବିଷୟ ଶୁଣିବାବେଳକୁ ଜାଣିଲେ ତାଙ୍କରି ସଂପର୍କରେ ହିଁ କୁତ୍ସା ଆଲୋଚନା ଚାଲିଚି। ରଙ୍ଗଲତା ସେଇଠୁ ଫେରିଥିଲେ। ସେଇଦିନୁ ସେ ପଡୋଶିନୀମାନଙ୍କ ସହ ବେଶୀ ମିଶନ୍ତି ନାହିଁ। କେବଳ ବାହାରେ କାହାରିର ଭେଟହେଲେ ଔପଚାରିକ କଥାବାର୍ତ୍ତା କରନ୍ତି।

ଚଢ଼େଇବସା ନିଶବ୍ଦହେବାର ପରଦିନ ଗୋଟିଏ ପଚାଗନ୍ଧ ଭାସିଆସିଲା। ରଙ୍ଗଲତା ମୋଉପରେ ସାଙ୍ଘାତିକ ବିରକ୍ତହେଇ ମୋର ନିଷ୍କ୍ରିୟତା ଦେଖି ସାଇର ଗୋଟେ ପିଲାକୁ ଡାକିଆଣି ଉପର ଛାତଘରୁ ଉଚ୍ଚ ଟୁଲ୍‌ଟି ଆଣିବାକୁ କହି ବସାର ହାଲ୍ ବୁଝିଲାବେଳକୁ ଗୋଟେ ଚଢ଼େଇଛୁଆ ମରିଚି। ତାଦେହରେ ପୋକ ସଲସଲ। ପିଲାଟି ତାକୁ ବାହାରକରି ଫିଙ୍ଗିଦେଇ ଶ୍ରୀମତୀର

ଆଦେଶମୁତାବକ ଜାଗାଟିକୁ ଫିନାଇଲ୍‌ରେ ଧୋଇଦେଇ ଆଉ ଯେମିତି ଭବିଷ୍ୟତରେ ଚଢ଼େଇ ସେ ଜାଗାକୁ ପଶିପାରିବନି, ସେଥିପାଇଁ ଫାଙ୍କରେ ଉପର ତଳ ଦୁଇଟି ତାର ବାନ୍ଧିଦେଲା। ଚଢ଼େଇଛୁଆଟିର ଅପମୃତ୍ୟୁର ରହସ୍ୟ ମୋଦ୍ୱାରା ଅନୁଦ୍‌ଘାଟିତ ରହିଲେବି ଏ ମର୍ମାନ୍ତକ ଘଟଣା ମୋତେ ଶୋକାପ୍ଳୁତ କରିଥିଲା।

ଫେର୍ କିଛିଦିନପରେ ସକାଳେ ବୈଠକଖାନାର ଦ୍ୱାରଦେଶରେ ପୁଣି କାଠି କୁଟାର ଅସନାଦେଖି ରଙ୍ଗଲତା ଚିତ୍କାରକରି ମୋର ନିଦ ଭାଙ୍ଗିଦେଲେ। ଚଢ଼େଇଟେ ତା ଦାନ୍ତରେ ଲୁହାତାର ଦୁଇଟିକୁ ଉପରତଳ ଠେଲି ଫାଙ୍କକରି ପଶି ପୁଣି ବସା ବାନ୍ଧୁଚି। ଶ୍ରୀମତୀ ରାଗି କହିଲେ- 'ଯାହା କିଛି କର।' କହିଲି- 'ତମେ ସେ ପିଲାଟିକୁ ଡାକ। ସେ ମୋଟା ତାରର ଦୁଇଚାରି ପରସ୍ତ ବାନ୍ଧିଦେଉ।' ଶ୍ରୀମତୀ କହିଲେ- 'ଗତଥର ସେ ଗନ୍ଧରେ ବାନ୍ତିକରି ମୋପାଖରୁ କୋଡିଏ ଟଙ୍କା ନେଇ ବି ଅସନ୍ତୋଷହେଇ ଯାଇଚି। ଏଥର ପଚାଶ ଟଙ୍କା ଦେଲେବି ସେ ଆସିବନି।'

'-ମଣିଷ ଆଚ୍ଛା ଅଡୁଆରେ ପଡ଼ିଲା। ଚଢ଼େଇଟି କାହିଁକି ଏମିତି ଅହନ୍ତା ଲଗାଇଚି? ଉପରେ ଏତେ ଜାଗା, ପାରାମାନଙ୍କର ନିର୍ଭୟ ଆଶ୍ରୟସ୍ଥଳ, ସେଠି ବସା ନବାନ୍ଧି ବାରମ୍ବାର ଏଠି ବସାକରି ଦ୍ୱାରମୁହଁଟା ଅସନାକରି କାହିଁକି ମୋତେ ଗାଳି ଶୁଣାଉଚି?'

ମୋ କଥାଶୁଣି ରଙ୍ଗଲତା କହିଲେ- 'ଏମିତି ନିର୍ଭୟ ସ୍ଥାନ ସେ ଆଉ କଉଁଠି ପାଇବ? ଉପରେ ପାରାଭାଡ଼ି ପୁଣି ବିଲେଇର ଶୟନକକ୍ଷ, ସେଠି ତାଛୁଆ କେମିତି ନିର୍ଭୟରେ ରହିବ?'

ମୁଁ ହସିଲି। ଯା'ହେଉ ଚଢ଼େଇଟା ମହା ଚାଲାକ୍। ପୁଣି ଧୈର୍ଯ୍ୟଶୀଳା। ଗୋଟିଏ ଛୁଆର ଅପମୃତ୍ୟୁ ପରେବି ଭାଙ୍ଗି ନପଡି ପୁଣି ବସାବାନ୍ଧି ଅଣ୍ଡାଦେବା ପାଇଁ ପ୍ରୟାସ କରୁଚି।

ମୋ ହସ କିନ୍ତୁ ଶ୍ରୀମତୀଙ୍କୁ ଅଧିକ ଉତ୍ତେଜିତ କଲା। ରାଗରେ ତାଙ୍କ ମୁହଁ ଲାଲ୍ ପଡିଗଲା। ରାଗଟା ଚଢ଼େଇ ଉପରେ ହେଲେହେଁ ତାକୁ ଦଣ୍ଡଦେବାର କରାମତି ତାଙ୍କର ନାହିଁ। ଏଣୁ ଓଲଟି ସାମାନ୍ୟ ଚଢ଼େଇଟାର ମୁକାବିଲା କରିବାର ଶକ୍ତି ମୋର ନଥିବାର ଅପାରଙ୍ଗମ ପଣିଆ ପାଇଁ ସେ ମୋତେ ଏକପ୍ରକାର ତିରସ୍କାର କଲେ। ଗୋଟେ ଚଢ଼େଇର ଗତାଗତ ପଥକୁ ମୁଁ ବନ୍ଦକରି ପାରୁନି, ଆଉ ଚୋର ତସ୍କର, ଦୁର୍ବୃତ୍ତଙ୍କ କବଳରୁ ତାଙ୍କୁ କେମିତି ସୁରକ୍ଷା ଦେବି? ମୁଁ ନିଜକୁ ଅପମାନିତ ମନେକଲି। ସେ ଛାତ ଉପରକୁ ଯିବାପାଇଁ ପାହାଚ ଚଢ଼ିଲେ। ମୁଁ ତାଙ୍କୁ ଅନୁସରଣ କଲି। ସେ ଉଚ୍ଚ ଟୁଲ୍‌ଟି ତଳକୁ ଆଣିବାପାଇଁ ଚାହୁଁଛନ୍ତି। ମୁଁ ତାଙ୍କୁ ସାହାଯ୍ୟକଲି। ବୈଠକଖାନାର ଦ୍ୱାରରେ ଟୋଲ୍ ପକାଇ ସେ ଉପରକୁ ଚଢ଼ିବାପାଇଁ ଉଦ୍ୟମକଲା ବେଳେ ତାଙ୍କୁ ସେଥିରେ ନିବୃତ୍ତ କରାଇ କହିଲି- 'ରୁହ, ମୁଁ ଚଢୁଚି।' ହେଲେ ଏତେ ଉଚ୍ଚ ଟୁଲ୍‌ଟି ଚଢ଼ିବାବେଳେ ମୋ ଗୋଡ଼ ଥରୁଥିଲା। ସେ ଅଭୟବାଣୀ ଦେଲେ- 'କାହିଁକି ଡରୁଚ? ମୁଁ ତଳେ ଟୁଲ୍ ଧରିଚି।'

ଟୁଲ୍‌ରେ ଛିଡାହେଇ ସ୍କାଇଲାଇଟ୍ ବାଟେ ଭିତରକୁ ଅନାଇଲି। ଅନେକ କାଠି, କୁଟା, ପର, ଶୁଖିଲା ଘାସ, ଛୋଟ ଡାଳ ଭର୍ତ୍ତି। ସେସବୁ ବାହାରକରି ତଳକୁ ଫିଙ୍ଗିଲି। ସେତିକିବେଳେ ଦୁଇଟା ଚଢ଼େଇ ଥଣ୍ଟରେ କୁଟାଧରି ଆସି ବସାକୁ ଯାଇ ନପାରି ଅନତିଦୂର ଇଲେକ୍‌ଟ୍ରି ତାରରେ ବସି ମୋର ଏ ନିଷ୍ଠୁର କାର୍ଯ୍ୟକୁ ନିନ୍ଦି ତାଙ୍କ ଭାଷାରେ ହୁଏତ ଅଭିଶାପ ଦେଲେ।

ହୋ, ଜାଣିଲି, ଗୋଟେ ନୁହଁ, ପକ୍ଷୀ ଦମ୍ପତିଙ୍କ ଏ ଦ୍ୱୈତ୍ୱ ପ୍ରୟାସ! ହଉରେ ବେଟା, ଏଥର ବୁଝିବଯେ!

ମୁଁ ମୋର ପାରଙ୍ଗମ ପଣିଆ ଦେଖାଇ ଚଢ଼େଇବସାକୁ ଖିନ୍‌ଭିନ୍‌କରି ଭାଙ୍ଗିଚାଲିଲି। ତାପରେ ଶ୍ରୀମତୀ ମୋ ହାତକୁ ତାର ବଢ଼ାଇ କହିଲେ- 'ଦୁଇ ପରସ୍ତକରି ଚାରିଥାକ ଆଣ୍ଠିକି ବାନ୍ଧିଦିଅ।' ମୁଁ କିନ୍ତୁ 'ଓ'ର ଫାଙ୍କବାଟେ ଆଙ୍ଗୁଳି ଗଳେଇ ତାର ବାନ୍ଧି ପାରିଲିନାହିଁ। ଆଉ ଏକ ବୁଦ୍ଧି ମୁଣ୍ଡରେ ଢୁକିଲା। ଘର ଭିତରୁ ପିଚ୍‌ବୋର୍ଡଟେ ଆଣି ସେଥିରେ କଣାକରି ବାନ୍ଧିଦେଲି। ଆଉ ସେ ବଦମାସ୍ ଚଢ଼େଇଙ୍କ ଆସିବାର ଉପାୟନାହିଁ। ଟୁଲ୍‌ରୁ ଓହ୍ଲାଇ ଶ୍ରୀମତୀଙ୍କୁ କହିଲି- 'ଦେଖିଲ କେତେ ମଜବୁତ୍ କାମ କରିଦେଲି? ଏଥର ଚଢ଼େଇ କ'ଣ ତା'ବାପ ବି ଗଳି ପାରିବନି।'

ଇଲେକ୍‌ଟ୍ରି ତାର ଉପରେ ପକ୍ଷୀ ଦମ୍ପତି ଅସହାୟଭାବେ ବସି ସ୍କାଇଲାଇଟ୍ ଆଡକୁ ଅନାଉଥିଲେ। ଆଖିରେ ଅଶ୍ରୁଭରି ମୋତେ ହୁଏତ ଅଭିଶାପ ଦେଉଛନ୍ତି। ତାପରେ ମୁଁ ଆରପଟକୁ ଯାଇ ଲୁଚିକରି ଅନାଇଲି- ଗୋଟିଏ ଚଢ଼େଇ ସ୍କାଇଲାଇଟ୍ ପାଖକୁ ଉଡିଯାଇ ଥଣ୍ଟରୁ କୁଟାଟେ ତଳକୁ ଫିଙ୍ଗିଦେଇ ଥଣ୍ଟରେ ପିଚ୍‌ବୋର୍ଡକୁ ଖୁମ୍ପିଲା।

ପାରିବୁନିରେ ବେଟା, ପାରିବୁନି- ମନେ ମନେ କହିଲି।

ଚଢ଼େଇଟି ଅସଫଳହେଇ ପୁଣି ଉଡିଯାଇ ଇଲେକ୍‌ଟ୍ରି ତାର ଉପରେ ଆଗରୁ ବସିଥିବା ଚଢ଼େଇଟି ପାଖକୁଯାଇ ବସି ତା'ଭାଷାରେ କ'ଣ କହିଲା। ଆଉ ଚଢ଼େଇଟି ତା ଥଣ୍ଟରୁ ଶୁଖିଲା ଡାଳଟି ତଳକୁ ଫିଙ୍ଗିଦେଇ କିଚିରି ମିଚିରି ଧ୍ୱନିକରି ତାରରେ ଡେଇଁଲା। ତାର ଏ ଉନ୍ମତ୍ତ କାଣ୍ଡଦେଖି ଅନ୍ୟ ଚଢ଼େଇବି ସେମିତି କଲା। ପକ୍ଷୀ ଦମ୍ପତିଙ୍କ କୋଳାହଳ ଶୁଣି ଆଉ କେତୋଟି ତା ଜାତିଭାଇ ବଣି ଚଢ଼େଇ ଉଡିଆସି ସେ ଦୁହିଁଙ୍କ ପାଖରେ ବସି  କିଚିରି ମିଚିରି ରାବକଲେ। କ୍ରମେ ଚଢ଼େଇଙ୍କ କୋଳାହଳ ବଢ଼ିଚାଲିଲା। ମୁଁ ରଂଗଲତାଙ୍କୁ କହିଲି- 'ଦେଖୁଚ ପକ୍ଷୀ ଦମ୍ପତିଙ୍କର କେମିତି ପ୍ରତିବାଦର ଢ଼ଙ୍ଗ ? ସାମାନ୍ୟ ଚଢ଼େଇ ହେଲେହେଁ ସେମାନେ ବି ମଣିଷର ବିଭତ୍ସ ନିଷ୍ଠୁରତା ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି। ହୁଏତ ତାଙ୍କ ଭାଷାରେ ମୋତେ ଅଭିଶାପବି ଦେଉଥିବେ। ପକ୍ଷୀଙ୍କ ଏକତା ବି ଦେଖିଲ ତ ! ଆଗରୁ ବି ଦେଖିଥିବ- ଇଲେକ୍‌ଟ୍ରି ତାର ଉପରେ ବସି ସକ୍‌ଖାଇ ଗୋଟିଏ କୁଆ ପୋଡ଼ି ତଳେ ପଡ଼ିଗଲା ପରେ କେମିତି ପଲେ କୁଆ ଆସି କା କା ରଡ଼ିକରି ଚତୁର୍ଦ୍ଦିଗ କମ୍ପାଇ ଦିଅନ୍ତି। ହେଲେ ସୃଷ୍ଟିର ସଚେତନ ପ୍ରାଣୀ ଆମ ସଭ୍ୟ ମଣିଷ ଜାତିରେ କ'ଣ ଏମିତି ଏକତା ଅଛି ? ଏଠି ପରା ଦିବାଲୋକରେ ଶହ ଶହ ଜନତାଙ୍କ ସମ୍ମୁଖରେ ନାରୀ ବଳାତ୍କାର ହୁଏ, ହେଲେ କେହି ପ୍ରତିହତ କରିବା ଦୂରେଥାଉ, ପୋଲିସ୍ ଆଗରେ ସାକ୍ଷୀ ଦେବାପାଇଁ ସମସ୍ତେ ଅମଙ୍ଗ ହୁଅନ୍ତି। ରାସ୍ତା ଦୁର୍ଘଟଣାରେ ପଡ଼ି ମୃତ୍ୟୁସଙ୍ଗେ ସଂଘର୍ଷ କରୁଥିବା ବିପନ୍ନଙ୍କୁ ସାହାଯ୍ୟ କରିବାପାଇଁ କେହି ଆଗଭର ହୁଅନ୍ତିନାହିଁ। ପଡୋଶୀ ଘରୁ ଚୋରିହେଉଥିବାର ଜାଣି କେହି ପଡୋଶୀ ପୋଲିସକୁ ଫୋନ୍ କରନ୍ତିନାହିଁ, ଓଲଟି ଶୋଇ ପଡ଼ିବାର ଅଭିନୟ କରନ୍ତି ଓ ମନେ ମନେ ଖୁସି ହୁଅନ୍ତି- ଭଲ ହୋଇଚି, ତାର ଗର୍ବ ଭାଙ୍ଗିଗଲା, ଆଉ ଆମସଙ୍ଗେ ବେଟା ଟକ୍କର ଦେଇପାରିବନି।'

ଦିନସାରା ଚାଲିଲା ପକ୍ଷୀ ଦମ୍ପତିଙ୍କର ପିଚ୍‌ବୋର୍ଡ ଖୁମ୍ପି ଭିତରକୁ ପ୍ରବେଶକରିବାର ପ୍ରୟାସ ଓ ବାରମ୍ବାର ବିଫଳହେଇ କିଚିରି ମିଚିରି ରାବର ପ୍ରତିବାଦ। ମୁଁ ଭାବୁଥାଏ, ଚଢ଼େଇବସା ଭାଙ୍ଗି ପାପ ହେଉ କି ନାହିଁ, ନିଶ୍ଚୟ ଅନ୍ୟାୟ କରିଚି। ପକ୍ଷୀ ଦମ୍ପତିଙ୍କର ଦାବିକୁ ମୋର ମାନିନେବା ଉଚିତ। ଏତେଟା ସ୍ୱାର୍ଥପର ହେବା ମୋର ଅନୁଚିତ। ନିରାଶ୍ରୟଙ୍କୁ ଘରେ ଆଶ୍ରୟ ଦେବାତ ଦୂରର କଥା, ସାମାନ୍ୟ ସ୍କାଇଲାଇଟ୍‌ର କେତେ ବର୍ଗ ଇଞ୍ଚ ଜାଗାରେ ଅନ୍ତସତ୍ତ୍ୱା ପକ୍ଷିଣୀକୁ ଆଶ୍ରୟ ଦେବାରେ ବି ଏତେ ନିଷ୍ଠୁରତା।

ପିଚ୍‌ବୋର୍ଡକୁ ବାହାର କରିଦେବିକି ? ରଂଗଲତାଙ୍କର କିନ୍ତୁ ରୋକଠୋକ୍ ଜବାବ୍- 'ରଖହୋ ତମର ସେ ଦୟା। ଅଣ୍ଟାବଥା ଯୋଗୁଁ ମୁଁ ଘରଦ୍ୱାର ଝାଡୁମାରି ପାରୁନି, ତମେ ଆହୁରି ସେ ଚଢ଼େଇକଥା ଭାବୁଚ। ଏତେ ଯଦି ଦୟା ତମେ ସେ ଛାତଉପର ଘରକୁ ଯାଇ ରୁହ, ଆଉ ବଣି, ପାରା, ମୂଷା, ବିଲେଇଙ୍କୁ ପାଳ।'

ମୁଁ ବିଷାଦିତ ପକ୍ଷୀ ଦମ୍ପତିଙ୍କୁ  ଛାତ ଉପରକୁ ହାତବଢ଼ାଇ କହିଲି- 'ଉପରେ ଏତେଜାଗା, ଯାଅ। ଯେତେଦିନ ଇଚ୍ଛା ଆରାମରେ ରହି ଯେତେଅଣ୍ଡା ଦେଇ ଛୁଆ ଫୁଟାଉଚ, ଫୁଟାଅ।' ହେଲେ ପକ୍ଷୀ ଦମ୍ପତି କ'ଣ ମୋଭାଷା ବୁଝୁଛନ୍ତି ନା ମୁଁ ବୁଝୁଚି ସେମାନଙ୍କ ଭାଷା। ସେମାନେ ବାରମ୍ବାର କାଠି, କୁଟା, ପର, ଶୁଖିଲା ଘାସ ଆଦି ଥଣ୍ଟରେ ଧରି ଆସୁଥିଲେ, ସ୍କାଇଲାଇଟ୍ ପାଖକୁଯାଇ ସେସବୁ ଅସନା ତଳକୁ ଫିଙ୍ଗି ପିଚ୍‌ବୋର୍ଡକୁ ଖୁମ୍ପି ବ୍ୟର୍ଥହେଇ ମନଦୁଃଖରେ ଇଲେକଟ୍ରି ତାରରେ ବସି କିଚିରି ମିଚିରି ରାବରେ ମୋତେ ଗାଳି ଓ ଅଭିଶାପ ଦେଉଥିଲେ।

ପରଦିନ କିନ୍ତୁ ସେମାନଙ୍କ ଦର୍ଶନ ପାଇଲିନାହିଁ। ସମ୍ଭବତଃ ବସା ତିଆରିପାଇଁ ଆଉ କେଉଁଠି ଜାଗା ସ୍ଥିର କରିନେଇଛନ୍ତି। ହେଲେ ତାପରଦିନ ସକାଳେ ପଡୋଶିନୀଙ୍କ ସ୍କାଇଲାଇଟ୍‌କୁ ପକ୍ଷୀ ଦମ୍ପତିଙ୍କ ଯିବାର ଦେଖି ପାଟିକରି ରଂଗଲତାକୁ ଡାକି ଦୃଶ୍ୟଟି ଦେଖାଇଲି। ସେ ରାଗି ପାଟିକଲେ- 'ତାର ଏତେ ବହପ ସେ ଆମ ଚଢ଼େଇ ଦୁହିଁଙ୍କୁ ତାଘରେ ରଖିଛି ? ତମେ ସେ ପିଚ୍‌ବୋର୍ଡଟା ଜଲ୍‌ଦି ବାହାର କରିଦିଅ, ବରଂ ଝାଡୁଦେବାରେ ମୋତେ କଷ୍ଟହେଉ, ସେମାନେ ଏଇଠି ରୁହନ୍ତୁ।'

ମୁଁ ପିଚ୍‌ବୋର୍ଡଟି ବାହାର କରିଦେଲି। ହେଲେ ଅଭିମାନୀ ପକ୍ଷୀ ଦମ୍ପତି ଆଉ ଫେରିଲେନି।

. ଆଜିମାବାଦ, ବାଲେଶ୍ୱର-୧
୯୪୩୭୨୧୫୮୯୮୯(ମୋ)